# NATIONAL NEWS BULLETIN (ODIA)

## 28 June 2026

## Morning Bulletin : 7.15 A.M.

*******************************

## ମୁଖ୍ୟ ସମ୍ବାଦ

- ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଆଜି ଦେଶବାସୀଙ୍କ ସହ ଭାବ ବିନିମୟ କରିବେ ପ୍ରଧାନମନ୍ତ୍ରୀ ।
- ସେସେଲ୍ସ ରାଷ୍ଟ୍ରପତିଙ୍କ ସହ ପ୍ରଧାନମନ୍ତ୍ରୀ ଆଜି କରିବେ ଦ୍ୱିପାକ୍ଷିକ ଆଲୋଚନା ।
- ଘରୋଇ ଟୁର୍ ଅପରେଟରଙ୍କ ମାଧ୍ୟମରେ କୈଳାସ ମାନସରୋବର ଯାତ୍ରା କରୁଥିବା ଭାରତୀୟ ନାଗରିକଙ୍କ ପାଇଁ ପରାମର୍ଶବଳୀ ଜାରି କଲା ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ।
- ଭେନ୍‌ଜୁଆଲା ଭୂକମ୍ପରେ ମୃତ୍ୟୁସଂଖ୍ୟା ୧ହଜାର ୪୩୦କୁ ବୃଦ୍ଧି ।

ଏବଂ

- ୟୁଏସ୍ ଓପନ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ପୁରୁଷ ଏକକ ବର୍ଗ ଫାଇନାଲରେ ପହଞ୍ଚିଲେ ଭାରତର କିଦାମ୍ବି ଶ୍ରୀକାନ୍ତ ।

## ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ । ଏହା ହେବ ମନ୍‌କି ବାତର ୧୩୫ତମ ସଂସ୍କରଣ । ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair  ମୋବାଇଲ୍ App ରେ ଏହି କାର୍ଯ୍ୟକ୍ରମ ଉପଲବ୍ଧ ହେବ । ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମଧ୍ୟ ଏହାର ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ  ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ ।  ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

## ପିଏମ୍-ସେସେଲ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସେସେଲ୍ସର ରାଷ୍ଟ୍ରପତି ପାଟ୍ରିକ ହର୍ମିନିଙ୍କ ସହ ଆଲୋଚନା କରିବେ । ଦ୍ୱିପାକ୍ଷିକ ସହଯୋଗ ତଥା

ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ଆଞ୍ଚଳିକ ଓ ଆନ୍ତର୍ଜାତିକ ପ୍ରସଙ୍ଗ ଉପରେ ଉଭୟ ନେତାଙ୍କ ମଧ୍ୟରେ ମତ ବିନିମୟ ହେବାର ସମ୍ଭାବନା ରହିଛି । ଶ୍ରୀ ମୋଦୀ ସେସେଲ୍ସର ଜାତୀୟ ସଂସଦକୁ ଆଜି ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି । ପ୍ରବାସୀ ଭାରତୀୟଙ୍କ ସହ ମଧ୍ୟ ସେ ଭାବ ବିନିମୟ କରିବେ । ସେସେଲ୍ସର ରୋଚେ କଇମାଲଠାରେ ସ୍ୱାଧୀନତା ଦିବସ ସମାରୋହରେ ଶ୍ରୀ ମୋଦୀ ଅଂଶଗ୍ରହଣ କରିବେ ।  ମିଳିଥିବା ସୂଚନା ଅନୁଯାୟୀ ଭାରତୀୟ ପ୍ରତିରକ୍ଷା ବାହିନୀର ଏକ ଦଳ ଏବଂ ଦୁଇଟି ଭାରତୀୟ ନୌସେନା ଜାହାଜ ଏହି ସମାରୋହରେ ଅଂଶଗ୍ରହଣ କରିବେ । ସେସେଲ୍ସର ଐତିହାସିକ ଏହି ୫୦ତମ ସ୍ୱାଧୀନତା ଦିବସ ସମାରୋହରେ ଶ୍ରୀ ମୋଦୀ ସମ୍ମାନିତ ଅତିଥି ଭାବେ ଯୋଗଦେବେ । ସେଠାକାର ଜାତୀୟ ଦିବସ ସମାରୋହରେ ଅତିଥିଭାବେ ଯୋଗଦେବାରେ ଶ୍ରୀ ମୋଦୀ ହେବେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ । ସେସେଲ୍ସକୁ ଶ୍ରୀ ମୋଦୀଙ୍କର ଏହି ତିନିଦିନିଆ ଗସ୍ତ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ନେଇ ଉଭୟପକ୍ଷଙ୍କ ଅଙ୍ଗୀକାରବଦ୍ଧତାକୁ ପ୍ରତିପାଦନ କରୁଛି ।

## ଶାହା ଗୁଜରାଟ ଭିଜିଟ୍

ଗୁଜରାଟକୁ ୩ ଦିନିଆ ଗସ୍ତରେ ଥିବା ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହା ଆଜି ସଂଧ୍ୟାରେ ଗାନ୍ଧୀନଗରଠାରେ ପ୍ରଧାନମନ୍ତ୍ରୀ ପରିବାରଯତ୍ନ ଟ୍ରାକର ପାଇଲଟ ପ୍ରକଳ୍ପର ଶୁଭାରମ୍ଭ କରିବେ । ପରିବାର ପାଇଁ ସ୍ୱାସ୍ଥ୍ୟସେବା କ୍ଷେତ୍ର ଚିହ୍ନଟ ଏବଂ ସୁଗମ ଚିକିତ୍ସାକୁ ଅଧିକ ବ୍ୟବସ୍ଥିତ କରିବା ଏହି ନୂତନ ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ । ଅହମ୍ମଦାବାଦଠାରେ ଶ୍ରୀ ଶାହା ଆଜି ପୂର୍ବାହ୍ନରେ ଦଳୀୟ ସ୍ୱତନ୍ତ୍ର ଚିନ୍ତନ ଶିବିରରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ତୃଣମୂଳସ୍ତରରେ ଦଳୀୟ ରଣନୀତି ପ୍ରସ୍ତୁତି ନେଇ କର୍ମକର୍ତ୍ତାଙ୍କ ସହ ସମୀକ୍ଷା ଏବଂ ଆଲୋଚନା କରିବାର ସମ୍ଭାବନା ରହିଛି ।

## ଅନୁପ୍ରିୟା ପଟେଲ-ହେଲ୍‌ଥ କେୟାର

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ କହିଛନ୍ତି ଗତ ୧୨ ବର୍ଷ ମଧ୍ୟରେ ଭାରତ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି କରିଛି । ଏକ ଘରୋଇ ଗଣମାଧ୍ୟମ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଗତକାଲି ଯୋଗଦେଇ ରାଷ୍ଟ୍ରମନ୍ତ୍ରୀ ଶ୍ରୀମତୀ ପଟେଲ କହିଛନ୍ତି ପ୍ରତ୍ୟେକ

ନାଗରିକଙ୍କ ପାଖରେ ସୁଲଭ ଏବଂ ଗୁଣବତ୍ତା ସମ୍ପନ୍ନ ସ୍ୱାସ୍ଥ୍ୟସେବା ପ୍ରଦାନ ଲକ୍ଷ୍ୟ ନେଇ ସାର୍ବଜନୀନ ସ୍ୱାସ୍ଥ୍ୟବୀମା କ୍ଷେତ୍ରକୁ ବ୍ୟାପକ କରାଯାଉଛି । ଆୟୁଷ୍ମାନ ଭାରତ ଜନଆରୋଗ୍ୟ ଯୋଜନା ଉପରେ ଆଲୋକପାତ କରିଛି ରାଷ୍ଟ୍ରମନ୍ତ୍ରୀ କହିଛନ୍ତି, ପ୍ରାୟ ୬୨ କୋଟି ଲୋକ ଏହାର ସୁଫଳ ପାଉଛନ୍ତି । ଏହି ପଦକ୍ଷେପ ପରିବାରଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ କରିବା ସହ ସହଜ ଏବଂ ଗୁଣବତ୍ତା ସମ୍ପନ୍ନ ସେବା ପ୍ରଦାନ କରିପାରୁଛି । ଦେଶରେ ଏବେ ପ୍ରାୟ ୧ଲକ୍ଷ ୮୪ହଜାର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କାର୍ଯ୍ୟକ୍ଷମ ରହିଛି । ତୃଣମୂଳ ସ୍ତରରେ ପ୍ରାଥମିକ ସ୍ୱାସ୍ଥ୍ୟସେବାକୁ ଏହାର ସଶକ୍ତ କରୁଛି ବୋଲି ରାଷ୍ଟ୍ରମନ୍ତ୍ରୀ ଶ୍ରୀମତୀ ପଟେଲ କହିଛନ୍ତି । ତେବେ ମଧୁମେହ, ରକ୍ତଚାପ ଏବଂ କେତେକ କର୍କଟ ରୋଗର ବର୍ଦ୍ଧିତ ସଂଖ୍ୟା ଜନସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ଏକ ଚିନ୍ତାର ପ୍ରସଙ୍ଗ ପାଲଟିଛି । ସେ କହିଛନ୍ତି ସମୟୋଚିତ ପରୀକ୍ଷଣ ଏ କ୍ଷେତ୍ରରେ ଆର୍ଥିକ ଚାପ ହ୍ରାସ କରିବାରେ ସହାୟକ ହୋଇପାରିଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର 'ପ୍ରକୃତି କୀ ବାତ୍ ଆକାଶବାଣୀ କେ ସାଥ୍' ଧାରାବାହିକ କାର୍ଯ୍ୟକ୍ରମରେ ଆଜି ଛତିଶଗଡର ଗାର୍ବେଜ କାଫେ ଉପରେ ଆଲୋଚନା ପ୍ରସାରଣ କରାଯିବ । ଅମ୍ବିକାପୁରୀ ମହାନଗର ନିଗମ ଦ୍ୱାରା ପରିଚାଳିତ ଏହି କାଫେ ପ୍ଲାଷ୍ଟିକ ଅଳିଆ ବଦଳରେ ଖାଦ୍ୟପ୍ରଦାନ କରୁଛି । କାର୍ଯ୍ୟକ୍ରମରେ କାର୍ବେଜ କାଫେର କାର୍ଯ୍ୟକାରୀ ମୁଖ୍ୟ ରିତେଶ ଶୈନୀଙ୍କ ସହ ଆଲୋଚନା ହେବ । ୧୦୦ ଦଶମିକ ୧ ଆକାଶବାଣୀ ଗୋଲ୍ଡ ଚ୍ୟାନେଲରେ ଏହି କାର୍ଯ୍ୟକ୍ରମ ସକାଳ ୯ଟା ୧୦ ମିନିଟ୍‌ରେ ପ୍ରସାରଣ କରାଯିବ । ନ୍ୟୁଜ୍ ଅନ୍ ଏଆଇଆର୍ ଆପ୍ ଏବଂ ନ୍ୟୁଜ୍ ଅନ୍ ଏଆଇଆର୍ ଅଫିସିଆଲ୍ ୟୁ-ଟ୍ୟୁବ୍ ଚ୍ୟାନେଲରେ ମଧ୍ୟ ଏହି କାର୍ଯ୍ୟକ୍ରମ ଉପଲବ୍ଧ ହେବ ।

## ଏମ୍ଇଏ-କୈଳାସ ମାନସରୋବର

ଘରୋଇ ଟୁର୍ ଅପରେଟରଙ୍କ ଦ୍ୱାରା କୈଳାସ ମାନସରୋବର ଯାତ୍ରା କରୁଥିବା ଭାରତୀୟ ନାଗରିକଙ୍କ ପାଇଁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ

ଏକ ପରାମର୍ଶବଳୀ ଜାରି କରିଛି । ଯାତ୍ରା ପାଇଁ ସମସ୍ତ ଆବଶ୍ୟକୀୟ କାଗଜପତ୍ର ସାଙ୍ଗରେ ରଖିବାକୁ ମନ୍ତ୍ରଣାଳୟ ପରାମର୍ଶ ଦେଇଛି । ଦସ୍ତାବିଜ୍ ପ୍ରାପ୍ତ ନହେବା ପର୍ଯ୍ୟନ୍ତ ଭାରତରୁ ଯାତ୍ରା ଆରମ୍ଭ ନକରିବାକୁ କୁହାଯାଇଛି । ଅନ୍ୟଥା ଯାତ୍ରାପଥରେ ପ୍ରତିବନ୍ଧକ ସମ୍ମୁଖୀନ ହେବାକୁ ପଡିଥାଏ । ଏପରିକି ଘରୋଇ ଟୁର୍ ଅପରେଟରଙ୍କର ପଞ୍ଜିକରଣ ଏବଂ କୈଳାସ ମାନସରୋବର ଯାତ୍ରା ପାଇଁ ସେମାନେ ଅଧିକୃତ କି ନୁହଁ ତାହାର ମଧ୍ୟ ଯାଞ୍ଚ କରିବା ପାଇଁ ମନ୍ତ୍ରଣାଳୟ ଶ୍ରଦ୍ଧାଳୁଙ୍କୁ ପରାମର୍ଶ ଦେଇଛି । କୈଳାସ ମାନସରୋବର ଯାତ୍ରା କରୁଥିବା ପ୍ରାୟ ୫୨ଜଣ ଭାରତୀୟ ନାଗରିକ ଏବେ ଆବଶ୍ୟକ ନଥିପତ୍ର ଅଭାବରୁ ନେପାଳର କାଠମାଣ୍ଡୁଠାରେ ଅଟକି ରହିଛନ୍ତି । ସୁରକ୍ଷିତ ପରବର୍ତ୍ତୀ ଯାତ୍ରା ପାଇଁ ସେମାନେ ଜରୁରୀ ସହାୟତା ଆବଶ୍ୟକ କରୁଛନ୍ତି ବୋଲି ମନ୍ତ୍ରଣାଳୟ କହିଛି । ସୂଚନାଯୋଗ୍ୟ ଚଳିତବର୍ଷ କୈଳାସ ମାନସରୋବର ଯାତ୍ରାର ପ୍ରଥମ ତୀର୍ଥଯାତ୍ରୀ ଦଳ ଗତ ୨୦ ତାରିଖରେ ନଥୁଲା ପଥ ଦେଇ ଭାରତ-ଚୀନ୍ ସୀମା ଅତିକ୍ରମ କରି ଚୀନ୍‌ରେ ପ୍ରବେଶ କରିଛନ୍ତି ।

## ଭେନଜୁଆଲା ଡେଥ୍ ଟୋଲ୍

ଭେନ୍‌ଜୁଆଲା ଭୂକମ୍ପରେ ମୃତ୍ୟୁସଂଖ୍ୟା ୧ହଜାର ୪୩୦କୁ ବୃଦ୍ଧି ପାଇଛି । ଦକ୍ଷିଣ ଆମେରିକୀୟ ଏହି ଦେଶରେ ଗତ ବୁଧବାର ଦିନ ଲଗାତର ୨ଟି ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଥିଲା । ରିକ୍ଟର ସ୍କେଲରେ ଏହାର ତୀବ୍ରତା ୭ ଦଶମିକ ୨ ଏବଂ ୭ ଦଶମିକ ୫ ରହିଥିଲା । ଉଦ୍ଧାରକାର୍ଯ୍ୟ ଜାରି ରହିଥିବାବେଳେ ୬୮ହଜାର ୯୦୦ରୁ ଅଧିକ ଲୋକ ନିଖୋଜ ଥିବା ସେମାନଙ୍କର ନିକଟ ସମ୍ପର୍କୀୟ ରିପୋର୍ଟ କରିଛନ୍ତି । ଲା ଗୁଆଇରା ପ୍ରଦେଶ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି ।

ଭେନ୍‌ଜୁଆଲା ଫାଉଣ୍ଡେସନ ଫର୍ ସିସ୍ମୋଲୋଜିକାଲ ରିସର୍ଚ୍ଚ ପ୍ରତିଷ୍ଠାନ ଦେଇଥିବା ରିପୋର୍ଟ ଅନୁଯାୟୀ ଦେଶର କେନ୍ଦ୍ରୀୟ ଅଞ୍ଚଳରେ ପୁଣି ଏକ ୪ ଦଶମିକ ୧ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି । ଭୂକମ୍ପ ବିଜ୍ଞାନ ସଂସ୍ଥା ଦେଇଥିବା ସୂଚନା ଅନୁଯାୟୀ ଏହାର କେନ୍ଦ୍ରସ୍ଥଳ ଲା ଗୁଆଇରାଠାରୁ ୩୫ କିଲୋମିଟର ପଶ୍ଚିମରେ ରହିଥିଲା ।

## ୟୁଏସ୍-ଷ୍ଟ୍ରାଇକ୍ ଇରାନ୍

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶ କ୍ରମେ ଇରାନ୍‌ର ବିଭିନ୍ନ ଅଞ୍ଚଳରେ ଆକ୍ରମଣ କରାଯାଇଥିବା ନେଇ ଆମେରିକା ସେନା ସ୍ପଷ୍ଟ କରିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଆମେରିକାର କେନ୍ଦ୍ରୀୟ କମାଣ୍ଡ କହିଛି ଗତ ଶୁକ୍ରବାର ଦିନ ଏକ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣର ଜବାବରେ ଆମେରିକା ଆକାଶମାର୍ଗରୁ ଇରାନ୍‌ର ସାମରିକ ଭିତ୍ତିଭୂମି, ଯୋଗାଯୋଗ ବ୍ୟବସ୍ଥା, ବାୟୁ ପ୍ରତିରକ୍ଷା ସ୍ଥଳ ଏବଂ ଡ୍ରୋନ୍ ସଂରକ୍ଷଣ କ୍ଷେତ୍ର ଆଦିକୁ ଲକ୍ଷ୍ୟକରି ଆକ୍ରମଣ କରିଛି । କେନ୍ଦ୍ରୀୟ କମାଣ୍ଡ କହିଛି ଇରାନୀ ସେନା ଡ୍ରୋନ୍ ମାଧ୍ୟମରେ ହର୍ମୁଜ୍ ପ୍ରଣାଳୀ ଦେଇ ଗତି କରୁଥିବା ଏକ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣ କରିଥିଲା । ଏହି ଜାହାଜରେ ୨ ନିୟୁତ ବ୍ୟାରେଲରୁ ଅଧିକ ଅଶୋଧିତ ତୈଳ ପରିବହନ କରାଯାଉଥିଲା । ଆମେରିକା ସହ ଯୁଦ୍ଧବିରତି ଚୁକ୍ତିକୁ ପାଳନ କରିବା ପାଇଁ ଇରାନ୍ ପାଖରେ ସୁଯୋଗ ରହିଥିବାବେଳେ ଏହାକୁ ଅମାନ୍ୟ କଲେ ଇରାନ୍ ଏଭଳି ଆକ୍ରମଣ କରିଥିବା ଆମେରିକା ସେନା କହିଛି । ଅନ୍ୟପକ୍ଷରେ ହର୍ମୁଜ୍ ପ୍ରଣାଳୀର ଉତ୍ତରଭାଗରେ ଏକ ସ୍ଥାନରେ ବିସ୍ଫୋରଣ

ଘଟିଥିବା ନେଇ ଇରାନ୍‌ର ସରକାରୀ ଟେଲିଭିଜନ ସଂସ୍ଥା ସୂଚନା ପ୍ରଦାନ କରିଛି ।

## ୟୁପି-ଆକ୍ସିଡେଣ୍ଟ

ଉତ୍ତରପ୍ରଦେଶରେ ଏକ ସଡ଼କ ଦୁର୍ଘଟଣାରେ ୨ଜଣ ମହିଳାଙ୍କ ସମେତ ୩ ଜଣଙ୍କର ମୃତ୍ୟୁ ହୋଇଛି । କୁଶିନଗର ଜିଲ୍ଲା ଅନ୍ତର୍ଗତ ଅହିରଉଳି ବଜାର ଥାନା ଅଞ୍ଚଳରେ ହଟ-ପିପ୍ରାଇଚ ରାସ୍ତାରେ ଏକ କାର୍ ଏବଂ ମୋଟର ସାଇକଲ ମୁହାଁମୁହିଁ ଧକ୍କା ହୋଇଥିଲା । ପୋଲିସ ଦେଇଥିବା ସୂଚନା ଅନୁଯାୟୀ ଘଟଣାସ୍ଥଳରେ ମୋଟର ସାଇକଲରେ ୩ଜଣଯାକ ଆରୋହୀଙ୍କର ମୃତ୍ୟୁ ହୋଇଛି । ଅଭିଯୁକ୍ତ କାର୍ ଚାଳକକୁ ଅଟକ ରଖାଯାଇଥିବା ପୁଲିସ କହିଛି ।

## ୟୁଏସ୍ ଓପନ ବ୍ୟାଡମିଣ୍ଟନ

ୟୁଏସ୍ ଓପନ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଭାରତର କିଦାମ୍ବି ଶ୍ରୀକାନ୍ତ ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ପୁରୁଷ ଏକକ ବର୍ଗ ମ୍ୟାଚ୍‌ରେ ଶ୍ରୀକାନ୍ତ ଜାପାନ ପ୍ରତିପକ୍ଷ ୟୁଦାଇ ଓକିମୋଟୋଙ୍କୁ ୨୨-୧୦,

୧୪-୨୧ ଏବଂ ୨୧-୧୯ ସେଟ୍‌ରେ ପରାସ୍ତ କରିଛନ୍ତି । ଭାରତର ଶୌନକ ଚୌହ୍ୱାନ ଆଜି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଚାଇନିଜ୍ ତାଇପେଇର ସୁ-ଲି ୟାଙ୍ଗଙ୍କୁ ଭେଟିବେ ।

ଅନ୍ୟପକ୍ଷରେ ମହିଳା ଏକକ ବର୍ଗରେ ଭାରତର ଦେବିକା ସିହାଗ ସେମିଫାଇନାଲ ପର୍ଯ୍ୟାୟରେ ଡେନ୍‌ମାର୍କର ପ୍ରତିଦ୍ୱନ୍ଦ୍ୱିଙ୍କଠାରୁ ପରାଜିତ ହୋଇଛନ୍ତି ।

# ଫିଫା-ଫୁଟବଲ

ଫିଫା ବିଶ୍ୱକପ୍ ଫୁଟବଲ ପ୍ରତିଯୋଗିତାରେ ଆଜିର ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଇଂଲଣ୍ଡ ବିଜୟୀ ହୋଇଛି । ଆମେରିକାର ନ୍ୟୁ ଜର୍ସି ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପାନାମାକୁ ୨-୦ ଗୋଲ୍‌ରେ ଇଂଲଣ୍ଡ ପରାସ୍ତ କରିଛି । ଗ୍ରୁପ୍ ପର୍ଯ୍ୟାୟର ଅନ୍ୟଏକ ମ୍ୟାଚ୍‌ରେ କ୍ରୋଏସିଆ’ ଘାନାକୁ ୨-୧ ଗୋଲ୍‌ରେ ପରାସ୍ତ କରିଛି ।

# ଚେସ୍-ଇଥାନ୍ ଆ

ଚେସ୍ ଖେଳରେ ଗୋଆର ୧୪ବର୍ଷୀୟ ଅନ୍ତର୍ଜାତୀୟ ମାଷ୍ଟର ଇଥାନ୍ ଭାଜ୍ ଭାରତର ୯୬ତମ ଚେସ୍ ଗ୍ରାଣ୍ଡମାଷ୍ଟର ହୋଇଛନ୍ତି । ବୋସନିଆ-ହର୍ଜଗୋଭିନାରେ ଅନୁଷ୍ଠିତ ସାରା ଜେଭୋ-ଜିଏମ୍ ମିକ୍ସ ଟୁର୍ଣ୍ଣାମେଣ୍ଟରେ ତୃତୀୟ ତଥା ଅନ୍ତିମ ଗ୍ରାଣ୍ଡମାଷ୍ଟର ନର୍ମ ହାସଲ କରି ଶ୍ରୀ ଭାଜ୍ ଏହି ସଫଳତା ପାଇଛନ୍ତି । ଇଥାନ ଅନୁରାମ ମାହମଲ ଏବଂ ଲିଓନ ମେଣ୍ଡୋନକାଙ୍କ ପରେ ଶ୍ରୀ ଭାଜ୍ ଗୋଆର ତୃତୀୟ ଗ୍ରାଣ୍ଡମାଷ୍ଟର ହୋଇଛନ୍ତି ।